# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24th October - 2024**

**News Editor : *Tapan Kumar Maharana***

***********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ ‘ଦାନା’ ପାରାଦ୍ୱୀପ ଉପକୂଳରୁ ଦକ୍ଷିଣ-ପୂର୍ବ ଦିଗରେ ୧୫୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ

– ଆଜି ବିଳମ୍ବିତ ରାତିରୁ ଆସନ୍ତାକାଲି ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବ

– ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କୁ କରାଯାଉଛି ସ୍ଥାନାନ୍ତରଣ

- ରାଜ୍ୟ ସରକାରଙ୍କ ବାତ୍ୟା ପ୍ରାକ୍ ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ

ଏବଂ

- ବିଶ୍ୱରୁ ପୋଲିଓ ଭୂତାଣୁ ଦୂର କରିବା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ପୋଲିଓ ଦିବସ

# ବାତ୍ୟା 'ଦାନା'

ସାମୁଦ୍ରିକ ଝଡ଼ 'ଦାନା' ଉପକୂଳ ଆଡ଼କୁ ଅଗ୍ରସର ହେବା ସହ ଭିତରକନିକା ଏବଂ ଧାମରା ମଧ୍ୟରେ ଆଜି ବିଳମ୍ବିତ ରାତି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବାର ସମ୍ଭାବନା ଅଛି। ଝଡ଼ ସ୍ଥଳଭାଗ ଛୁଇଁବା ପରେ ପଶ୍ଚିମ  ଓ ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ସାମାନ୍ୟ ମୋଡ଼ ନେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୨୬ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ସ୍ଥଳଭାଗ ଛୁଇଁବା ଓ ପବନର ବେଗ ନେଇ ପାଣିପାଗ ବିଭାଗ ତାର ପୂର୍ବ ଆକଳନରେ କାଏମ ରହିଛି।

ସାମୁଦ୍ରିକ ଝଡ଼ ପଶ୍ଚିମ ଏବଂ ଦକ୍ଷିଣ ପଶ୍ଚିମ ଦିଗରେ ଗତି କରିବାକୁ ଥିବାରୁ ଆଭ୍ୟନ୍ତରୀଣ ତଥା ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ। ଉପକୂଳ ସ୍ପର୍ଶ ସମୟରେ ପବନର ବେଗ ୧୦୦ରୁ ୧୨୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ। କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସମୁଦ୍ରରେ ପାଖାପାଖି ୨ ମିଟର ଉଚ୍ଚର ଜୁଆର ଆସିପାରେ। ଜଗତସିଂହପୁର ଉପକୂଳ ଅଞ୍ଚଳରେ ମଧ୍ୟ ବାତ୍ୟାର ପ୍ରଭାବ ପରିଲକ୍ଷିତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ପାରାଦ୍ୱୀପ ଉପକୂଳଠାରୁ

ଦକ୍ଷିଣ-ପୂର୍ବ ଦିଗରେ ୧୫୦ କିଲୋମିଟର ଏବଂ ଧାମରାଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୮୦ କିଲୋମିଟର ଦୂରରେ ସାମୁଦ୍ରିକ ଝଡ଼ ଏବେ କେନ୍ଦ୍ରୀଭୂତ ହୋଇଛି।

ବାତ୍ୟା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରାଯିବା ସହିତ ପ୍ରଭାବିତ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ତଥା ପୁଲିସ ମୁତୟନ କରାଯାଇଛି।  ୧୧ଟି ଜିଲ୍ଲାର ୩୮ଟି ବ୍ଲକ ଏବଂ ୯ଟି ପୌରାଞ୍ଚଳ ପ୍ରଭାବିତ ହୋଇପାରେ। ୧ହଜାର ୬୫୩ଟି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ରହିଛି। ୩ ଲକ୍ଷ ଲୋକଙ୍କୁ ଇତିମଧ୍ୟରେ ସ୍ଥାନାନ୍ତର କରାଯାଇସାରିଲାଣି। ୨ହଜାର ୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ୭ ହଜାର ୨୮୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ କାର୍ଯ୍ୟକ୍ଷମ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୧୯ଟି ଏନ୍‌ଡିଆର୍‌ଏଫ୍ ଏବଂ ୯୨ଟି ମେଡିକାଲ ଟିମ୍‌କୁ ନିୟୋଜିତ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି। ବାତ୍ୟା ପରବର୍ତ୍ତୀ ପରିସ୍ଥିତି ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଖାଦ୍ୟ, ବିଦ୍ୟୁତ ଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସରକାର  ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ବାତ୍ୟା ସ୍ଥିତିର ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି ସରକାରଙ୍କ ପକ୍ଷରୁ ବାତ୍ୟା ଜନିତ ପଦକ୍ଷେପଗୁଡ଼ିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ବାତ୍ୟାର ପ୍ରଭାବ ସମ୍ଭାବ୍ୟ ଅଞ୍ଚଳଗୁଡ଼ିକରେ ପରିଲକ୍ଷିତ ହୋଇଛି। ଉପକୂଳ ଅଞ୍ଚଳରେ ପବନର ବେଗ ବୃଦ୍ଧି ପାଇବା ସହ କେତେକ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି।

ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପାଇଁ ପରାମର୍ଶ ଦିଆଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି, ବାତ୍ୟାର ପ୍ରଭାବରେ ଆସନ୍ତା ଶନିବାର ଦକ୍ଷିଣ-ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ ଦେଇ ବାତ୍ୟା ଅତିକ୍ରମ କରିବାର ସମ୍ଭାବନା ରହିଛି। ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ ଏବଂ ଖୋର୍ଦ୍ଧାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ତେବେ ଆସନ୍ତାକାଲି ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବୌଦ୍ଧ ଏବଂ ନୟାଗଡ଼ ଦେଇ ବାତ୍ୟାର କିଛି ଅଂଶ ଅତିକ୍ରମ କରିବ ବୋଲି ସେ ସୂଚନା ଦେଇଛନ୍ତି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି ଓ କନ୍ଧମାଳର ବିଭିନ୍ନ ଅଞ୍ଚଳରେ ଆସନ୍ତା ଶନିବାର ଦିନ ବର୍ଷା ହେବ। ଭୁବନେଶ୍ୱରର ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ବିମାନ ସେବା ଆଜି ଅପରାହ୍ନ ୫ଟାରୁ ଆସନ୍ତାକାଲି

ସକାଳ ୯ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଝଡ଼ର ପ୍ରଭାବକୁ ଦୃଷ୍ଟିରେ ରଖି ଭିତରକନିକା ଜାତୀୟ ଉଦ୍ୟାନକୁ ଗତକାଲିଠାରୁ ତିନିଦିନ ପାଇଁ ବନ୍ଦ ରଖାଯାଇଛି । ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସ୍ଥଳଗୁଡ଼ିକ ମଧ୍ୟ ଆଜି ଏବଂ ଆସନ୍ତାକାଲି ଦୁଇଦିନ ପାଇଁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି ।

ଧାମରା, ପାରାଦ୍ୱୀପ ଏବଂ ପୁରୀ ଉପକୂଳରେ ୧୦ ନମ୍ବର ବିପଦ ସଙ୍କେତ ଦିଆଯାଇଛି । ଭଦ୍ରକ ଜିଲ୍ଲା ଧାମରା ବ୍ଲକର ପ୍ରଭାବିତ ଅଞ୍ଚଳରୁ ୨୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରୁ ସ୍ଥାନାନ୍ତର କରାଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଶ୍ରୟସ୍ଥଳୀଗୁଡ଼ିକ ବୁଲି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଚାନ୍ଦବାଲିଠାରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ପୁଲିସ ଆରକ୍ଷୀ ଅଧକ୍ଷକ ଏକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ସହ ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି ବୋଲି ଆମ ଭଦ୍ରକ ସମ୍ବାଦଦାତା ସୂଚନା ଦେଇଛନ୍ତି । ଭଦ୍ରକରେ ବର୍ତ୍ତମାନର ସ୍ଥିତି ନେଇ ଆମ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O –**

*Ganjam*

## ଗଞ୍ଜାମ ଜିଲ୍ଲା ବାତ୍ୟା

ଗଞ୍ଜାମ ଜିଲ୍ଲାରେ ବାତ୍ୟା ଆଶଙ୍କା ଥିବା ୮ଟି ବ୍ଲକର ୧ ହଜାର ୮୩୫ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ୩୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ସମ୍ପର୍କରେ ଅଧିକ ସୂଚନା ଜାଣିବା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ।

*Desk*

## ମୁଖ୍ୟମନ୍ତ୍ରୀ – ବାତ୍ୟା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ବାତ୍ୟା ‘ଦାନା’ରେ ପ୍ରଭାବିତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ଆଲୋଚନା କରିଛନ୍ତି ।

*HS*

## ବାତ୍ୟା – ପଶୁ ସୁରକ୍ଷା

ବାତ୍ୟା ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିବେଦନ କରିଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ଅନେକ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି ।

ଆହତ ଓ ଅସୁବିଧାରେ ଥିବା ପଶୁ ପାଇଁ ୧୯୬୨ ନମ୍ବର ଜରିଆରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

***HS***

## ଶ୍ରୀମନ୍ଦିର – ବାତ୍ୟା

ସାମୁଦ୍ରିକ ଝଡ଼ 'ଦାନା'କୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟ ପ୍ରଶାସକ ସମସ୍ତ ବ୍ୟବସ୍ଥାର ତଦାରଖ କରିବା ସହିତ ପ୍ରଶାସକ ତଥା ଅନ୍ୟ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନ ହେବ ସେ ଦିଗରେ ଆବଶ୍ୟକ ବାତ୍ୟା ସମ୍ପର୍କିତ ସତର୍କତା ରକ୍ଷା କରି ପଦକ୍ଷେପ ନେବାକୁ ସମସ୍ତ ସେବକ ତଥା କର୍ମଚାରୀଙ୍କୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି।

***HS***

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖରେ ବନ୍ଦ ରହିବ। ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୮ରେ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ । ଏ ନେଇ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

*Desk*

## ବିଶ୍ୱ ପୋଲିଓ ଦିବସ

ବିଶ୍ୱ ପୋଲିସ ଦିବସ ଆଜି ପାଳନ କରାଯାଉଛି। ଆନ୍ତର୍ଜାତୀୟ ସ୍ତରରେ ପୋଲିଓ ରୋଗ ସମ୍ପର୍କରେ ସଚେତନତାର ଲକ୍ଷ୍ୟ ନେଇ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ବାର୍ତ୍ତା ରହିଛି "ପ୍ରତ୍ୟେକ ଶିଶୁଙ୍କ ପାଖରେ ପହଁଞ୍ଚିବାର ବୈଶ୍ୱିକ ଅଭିଯାନ"। ସମଗ୍ର ବିଶ୍ୱରୁ ପୋଲିଓ ଭାଇରସ୍‌ର ଦୂରୀକରଣ କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଉପରେ ଏହି ଦିବସ ଗୁରୁତ୍ୱାରୋପ କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୟୁନିସେଫର ମିଳିତ ସହଯୋଗରେ ରୋଟାରୀ ଇଣ୍ଟରନ୍ୟାସନାଲ ଏହି ଦିବସର ଆୟୋଜନ କରିଥାଏ।

ପୋଲିଓ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଲିଓ ବିରୋଧୀ ଲଢ଼େଇରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହିତ ପ୍ରତ୍ୟେକ ଶିଶୁଙ୍କର ଭବିଷ୍ୟତ ସୁରକ୍ଷା ନିଶ୍ଚିତ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି।

*Desk*

## ଜାତିସଂଘ ଦିବସ

ଜାତିସଂଘ ଦିବସ ଆଜି ପାଳନ କରାଯାଉଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଦେଶଗୁଡ଼ିକ ମଧ୍ୟରେ ଶାନ୍ତି, ସୁରକ୍ଷା, ଓ ସହଯୋଗ ବୃଦ୍ଧିର ଲକ୍ଷ୍ୟ ନେଇ ଆଜିର ଦିନରେ ଜାତିସଂଘ ପ୍ରତିଷ୍ଠା କରାଯାଇଥିଲା। ଆନ୍ତର୍ଜାତୀୟ କୂଟନୀତି, ମାନବୀୟ ପ୍ରୟାସ, ତଥା ବିକାଶ କ୍ଷେତ୍ରରେ ଏହି ଆନ୍ତଃ

ସରକାରୀ ସଂଗଠନ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହାର ପ୍ରତିଷ୍ଠା ସମୟରେ ସଦସ୍ୟ ସଂଖ୍ୟା ୫୧ ରହିଥିବା ବେଳେ ବର୍ତ୍ତମାନ ୧୯୩ରେ ପହଁଞ୍ଚିଛି।

***HS***

## ଆଇଟିବିପି ପ୍ରତିଷ୍ଠା ଦିବସ

ଭାରତ-ତିବ୍ବତ ସୀମାସୁରକ୍ଷା ବାହିନୀ–ଆଇଟିବିପି ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ପ୍ରକୃତିର ଆହ୍ୱାନକୁ ପ୍ରତିହତ କରି କଠିନ ଜଳବାୟୁ ପରିସ୍ଥିତିରେ ଆଇଟିବିପି ଯବାନଙ୍କର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ଚରମ ପରିସ୍ଥିତିରେ ଦେଶକୁ ସୁରକ୍ଷା ଦେବାରେ ଆଇଟିବିପି ଯବାନମାନଙ୍କ ନିଷ୍ଠା ଏବଂ ସାହସିକତା ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି।

*****